# ହରିଶଙ୍କର

## କୃଷି ବିଜ୍ଞାନ କେନ୍ଦ୍ର, ବଳାଙ୍ଗିର

ଅକ୍ଟୋବର ୨୦୨୧ - ସେପ୍ଟେମ୍ବର ୨୦୨୨

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା



ବଲାଙ୍ଗିର ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାଙ୍କ ଉନ୍ନତି ନିମିତ୍ତ ସଠିକ୍ ଜ୍ଞାନକୌଶଳ ଓ ତାଲିମ ପ୍ରଦାନ କରିବାରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଜିଲ୍ଲାର ପ୍ରାକୃତିକ ସମ୍ବଳକୁ ଉଚିତ୍ ଉପଯୋଗ କରି କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମିତ୍ତ ନୂତନ ଜ୍ଞାନ କୌଶଳକୁ ଚାଷୀ କ୍ଷେତ୍ରରେ ଗବେଷଣା ଓ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ କୃଷି ବିଜ୍ଞାନ କେନ୍ଦ୍ର ଯଥା ସମ୍ଭବ ପ୍ରଚେଷ୍ଟା କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର ବର୍ଷ ତମାମ କୃଷି ଓ ଆନୁସଂଗିକ ଯଥା - ପ୍ରାଣୀ ପାଳନ, ଛତୁଚାଷ ଏବଂ କୃଷିରେ ମହିଳା ସଶକ୍ତିକରଣ ଆଦି ବିଷୟରେ ତାଲିମ ପ୍ରଦାନ କରିବା ସହ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରଚେଷ୍ଟା କରିଥାଏ । କୃଷି ବିଜ୍ଞାନ କେନ୍ଦ୍ରର ନିଜସ୍ୱ ଫାର୍ମରେ ବିଭିନ୍ନ କୌଶଳର ପ୍ରଦର୍ଶନୀ କ୍ଷେତ୍ର ଅବସ୍ଥିତ ଯାହା ଚାଷୀମାନଙ୍କୁ ବୁଝାଇବାରେ ସାହାଯ୍ୟ ହୁଏ । ଆହୁରି ମଧ୍ୟ ଫାର୍ମରେ ଉନ୍ନତିମାନର ବିହନ ଏବଂ ଚାରା ଉତ୍ପାଦନ କରାଯାଏ, ଯାହାଦ୍ୱାରା ନୂତନ କିସମ ଜିଲ୍ଲାର ଚାଷିଙ୍କ ପାଖରେ ସହଜରେ ଉପଲବ୍ଧ ହୋଇପାରେ । ଆଗାମୀ ଦିନରେ ଚାଷୀଭାଇ ଓ ଗ୍ରାମୀଣ ଯୁବକମାନେ କୃଷି ବିଜ୍ଞାନ କେନ୍ଦ୍ରରୁ ନୂତନ ଜ୍ଞାନକୌଶଳ ଆପଣେଇ ଚାଷ କ୍ଷେତ୍ରରେ ଅଗ୍ରଗତି କରିବା ସହ ନିଜର ଅର୍ଥନୈତିକ ବିକାଶ କରନ୍ତୁ ।

ସତ୍ୟମୟ ଶତପଥୀ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## ପ୍ରାଣୀ ଚିକିତ୍ସା ଶିବିର



କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହ ମିଳିତ ଉଦ୍ୟମରେ ରୋଥ୍ ପଞ୍ଚାୟତର ଭାଲୁପାଲି ଗ୍ରାମରେ ୧୫.୦୩.୨୦୨୨ ତାରିଖରେ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ପ୍ରାଣୀମାନଙ୍କର ସାଧାରଣ ଶରୀର ପରୀକ୍ଷା, ବିଭିନ୍ନ ରୋଗ ନିରୂପଣ ଏବଂ ଆବଶ୍ୟକ ମୁତାବକ ଚିକିତ୍ସା, ମଳ ପରୀକ୍ଷା, ଗର୍ଭ ପରୀକ୍ଷା, ଗରମ ନଆସିବାର ଚିକିତ୍ସା ଆଦି କରାଯାଇଥିଲା । ସମୁଦାୟ ୩୧୬ ଟି ପ୍ରାଣୀ ସମ୍ପଦର ଚିକିତ୍ସା କରାଯାଇଥିଲା ଏବଂ ଆବଶ୍ୟକ ଔଷଧ ସହ ଉପଦେଶ ଦିଆଯାଇଥିଲା । ଶିବିର ସରିବା ପରେ ଚାଷୀମାନଙ୍କର ଏକ କ୍ଷୁଦ୍ର ସଭା ଆୟୋଜନ କରାଯାଇଥିଲା, ଯେଉଁଠି ଚାଷୀମାନଙ୍କୁ ଚାରା ଚାଷ, ଟୀକାକରଣ, କୃତ୍ରିମ ପ୍ରଜନନର ପ୍ରାଣୀ ପାଳନରେ ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା

## ଗୋପଳକ ସମ୍ମେଳନ ଏବଂ ଚାଷୀ ବୈଜ୍ଞାନିକ ଆଲୋଚନା ଚକ୍ର



କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୨୮.୦୩.୨୦୨୨ ତାରିଖ ଦିନ ଆଗଲପୁର ବ୍ଲକ ଅନ୍ତର୍ଗତ ଇନ୍‌ସା ଗ୍ରାମରେ ଏକ ଗୋପାଳକ ସମ୍ମେଳନ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ୧୦୦ ଜଣ ଅଗ୍ରଣୀ ଗୋପାଳକ ଭାଗ ନେଇଥିଲେ । ଆଗଲପୁର ବ୍ଲକର ବିଭିନ୍ନ ଗ୍ରାମରୁ ଗୋପାଳକ ମାନେ ଏହି ସମ୍ମେଳନରେ ଭାଗ ନେଇ ଗୋପାଳନ ଅନ୍ତର୍ଗତ ନୂତନ ବୈଜ୍ଞାନିକ ପଦ୍ଧତି ସହ ସ୍ୱଳ୍ପ ଖର୍ଚ୍ଚରେ ଗୋ-ଖାଦ୍ୟ ପ୍ରସ୍ତୁତି, କଣ୍ଟାହୀନ ନାଗଫେଣୀ ଚାଷ, ନଡା ପ୍ରକ୍ରିୟାକରଣ ବିଷୟରେ ଜ୍ଞାନ ଆହରଣ କରିଥିଲେ । ପ୍ରାଣୀ ବିଜ୍ଞାନୀ ସହ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ଗୋପାଳକ ମାନଙ୍କ ସହ ଆଲୋଚନା ଚକ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା ।

## କୃଷି ବିଜ୍ଞାନ କେନ୍ଦ୍ରରେ ବିଶାଳ ଚାଷୀମେଳା



କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର ଠାରେ ୩୧.୦୫.୨୦୨୨ରିଖ ଦିନ ଏକ ବିଶାଳ ଚାଷୀ ମେଳା ଆୟୋଜିତ ହୋଇଥିଲା । ଏହି ମେଳାରେ ୫୦୦ ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଏବଂ ଭଉଣୀମାନେ ଭାଗ ନେଇଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଭିନ୍ନ ଭିନ୍ନ ଜାତୀୟ ଯୋଜନା ବାବଦରେ ଚାଷୀମାନଙ୍କୁ ଦେଉଥିବା ଉଦବୋଧନର ସିଧା ପ୍ରସାରଣ ଦେଖିବା ବ୍ୟବସ୍ଥା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଥିଲା । ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତଥି ଭାବେ ଲୋକ ସଭା ସାଂସଦ, ବଲାଙ୍ଗିର ଶ୍ରୀମତୀ ସଙ୍ଗୀତା ସିଂ ଦେଓ ଏବଂ ମୁଖ୍ୟ ବକ୍ତା ଭାବେ ବିଧାୟକ, ଲୋଇସିଂହା ଶ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀମାନେ ଜାତୀୟ ଏବଂ ରାଜ୍ୟ ସରକାରଙ୍କର କୃଷି ଏବଂ ଆନୁସାଙ୍ଗିକ କୃଷି ଅନ୍ତର୍ଗତ ବିଭିନ୍ନ ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ସରକାରୀ ଅଧିକାରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## କୃଷି ବିଜ୍ଞାନ କେନ୍ଦ୍ରରେ ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର





କୃଷି ବିଜ୍ଞାନ କେନ୍ଦ୍ର ଫାର୍ମରେ ମରୁଡି ସହନଶୀଳ ତଥା ଅଧିକ ଅମଳକ୍ଷମ ଧାନର ପିଣ୍ଡ ବିହନ ଉତ୍ପାଦନ କରାଯାଇଛି । ମରୁଡି ସହନଶୀଳ ଧାନ ସ୍ୱର୍ଣ୍ଣଶ୍ରେୟା ୨ ହେକ୍ଟର ଏବଂ ଅଧିକ ଅମଳ କ୍ଷମ ପୂଜା ୫ ହେକ୍ଟର ଧାଡି ରୂଆ ପ୍ରଣାଳୀରେ ଚାଷ କରାଯାଇଛି ।

ଜୈବିକ କୃଷିର ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଆଖତ ତଥା ଉନ୍ନତ କିସମରେ ଜିଆ ଉତ୍ପାଦନ କୌଶଳ ପ୍ରଦର୍ଶନ ହେଉଅଛି । ପଲିବ୍ୟାଗ, ସିମେ ରିଙ୍ଗ ଓ ଟାଙ୍କିରେ ଜିଆଖତ ଉତ୍ପାଦନ ହେଉଛି ।

ଗୋଖାଦ୍ୟରେ ପୁଷ୍ଟିସାରର ଉତ୍ସ ଭାବେ ଆଜୋଲା ଏବଂ ଘରାର ବ୍ୟବହାରକୁ ପ୍ରସାରିତ କରିବା ନିମନ୍ତେ କୃଷି ବିଜ୍ଞାନ ଫାର୍ମରେ ଆଜୋଲା ଏବଂ ହାତିଆ ଘରା ପ୍ରଦର୍ଶନୀ କ୍ଷେତ୍ର ସ୍ଥାପିତ ଅଛି । ଆଜୋଲା ଉତ୍ପାଦନ ପଲିଥିନ ସିଟ, ଆଜୋଲା ବ୍ୟାଗ ଏବଂ ସିମେଣ୍ଟ ରିଙ୍ଗରେ କରାଯାଇଛି । କଣ୍ଟା ବିହିନ ନାଗଫେଣୀର ପ୍ରଦର୍ଶନୀ କ୍ଷେତ୍ର ନୂତନ ଭାବେ ସ୍ଥାପିତ ହୋଇଛି ।

ଚାଷୀମାନଙ୍କୁ ଡ୍ରାଗନ୍ ଫ୍ରୁଟ୍ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରରେ ନୂତନ ଭାବେ ଏକ ଡ୍ରାଗନ ଫ୍ରୁଟ ପ୍ରଦର୍ଶନୀ କ୍ଷେତ୍ର ସ୍ଥାପିତ ହୋଇଛି ।

ମୁଖ୍ୟ ସଂପାଦକ - ଡ. ସତ୍ୟମୟ ଶତପଥୀ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ସଂପାଦକ - ଡ. ତପନ କୁମାର ପଲାଇ (ବୈଜ୍ଞାନିକ, ପ୍ରାଣୀ ବିଜ୍ଞାନ)
ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର
ସଂପାଦନା ମଣ୍ଡଳୀ : ସାର୍ଥକ କୁମାର ପଟ୍ଟନାୟକ, ରାହୁଲ ଦେବ ବେହେରା, ସାଗରିକା ମୁନା, ରବିନାରାୟଣ ଶତପଥୀ

## ଚିନାବାଦାମ ଫସଲର ସଫଳ କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର ଆନୁକୁଲ୍ୟରେ ୨୦୨୧ ଖରିଫ ଋତୁରେ ବଲାଙ୍ଗିର ବ୍ଲକର ମାୟାବରା, ପାଟଣାଗଡ ବ୍ଲକର ଦୋଡମହଲ ଏବଂ ବେଲପଡା ବ୍ଲକର ଧୁମାଭାଟା ଗ୍ରାମରେ ଚିନାବାଦାମ ଫସଲର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଉକ୍ତ କ୍ଷେତ୍ର ପ୍ରଦର୍ଶନର ୨୫ ଜଣ ଆଗୁଆ ଚାଷୀଙ୍କ ୧୦ ହେକ୍ଟର ଜମିରେ ଚିନାବାଦମ ଚାଷ କରାଯାଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚିନାବାଦାମର ଉନ୍ନତ କିସମ 'ଦେବୀ' ବିହନ ହେକ୍ଟର ପ୍ରତି ୧୦୦ କି.ଗ୍ରା. ପ୍ରଦାନ କରାଯାଇଥିଲା ଏବଂ ଧାଡିରେ ବୁଣିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥି ସହିତ ମାଟି ପରୀକ୍ଷା କରାଯାଇ ଅନୁମୋଦିତ ମାତ୍ରାରେ ସାର ପ୍ରୟୋଗର ତାଲିମ ଦିଆଯାଇଥିଲା । ଚିନାବାଦାମ ଫସଲରେ ଘାସ ତଥା ରୋଗ ପରିଚାଳନା ମୁଖ୍ୟ ସମସ୍ୟା ହୋଇଥିବା ଯୋଗୁଁ ଚିନାବାଦମ ପରିଚାଳନା ନିମନ୍ତେ ଘାସମରା ଅକ୍ସିଫ୍ଲୋରଫେନ ୨୩.୫% ଇ.ସି. ହେକ୍ଟର ପ୍ରତି ୨୦୦ ମିଲି ହିସାବରେ ଏବଂ ଆବଶ୍ୟକ ଅନୁସାରେ ରୋଗ ପୋକ ପରିଚାଳନା ପାଇଁ ବିଷ ପ୍ରଦାନ କରାଯାଇଥିଲା । ଉପରୋକ୍ତ ସମନ୍ବିତ ଶସ୍ୟ ପରିଚାଳନା ଯୋଗୁଁ ଚାଷୀମାନେ ହେକ୍ଟର ପ୍ରତି ୧୩.୫ କ୍ୱିଣ୍ଟାଲ ଚିନାବାଦାମ ଅମଳ ପାଇବା ସହିତ ଟ. ୫୩,୨୭୦/- (ତେପନ ହଜାର ଦୁଇ ଶହ ସତୁରୀ ଟଙ୍କା) ଲାଭାନ୍ବିତ ହୋଇଥିଲେ । ଏହି କ୍ଷେତ୍ର ପ୍ରଦର୍ଶନ ଉତ୍ତମ ଫଳ ପ୍ରଦାନ କରିଥିବାରୁ ଏହି ସମନ୍ବିତ ଚିନାବାଦାମ ଚାଷ ପ୍ରାଣାଳୀକୁ ଅଧିକ ଚାଷି ଆଭିମୁଖୀ କରିବା ନିମନ୍ତେ ଚେଷ୍ଟା କରାଯାଉଛି ।



## ଜାତୀୟ ଜଳବାୟୁ ଅନୁକୂଳ କୃଷି ଜ୍ଞାନ କୌଶଳ ପ୍ରକଳ୍ପର ସଫଳ ରୂପାୟନ

ଜାତୀୟ ଜଳବାୟୁ ଅନୁକୂଳ କୃଷି ଜ୍ଞାନ କୌଶଳ ପ୍ରକଳ୍ପ ୨୦୨୧ ମସିହାରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆରମ୍ଭ କରାଯାଇଥିଲା । ଏହି ପ୍ରକଳ୍ପ ଆଗାମୀ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟରତ ରହିବ । ଏହି ପ୍ରକଳ୍ପର ଆନୁସାଙ୍ଗିକ ଶୁଭାରମ୍ଭ ୨୦୨୨ ମସିହା ମାର୍ଚ୍ଚ ୧୬ ତାରିଖ ଦିନ ଓଡିଆପାଲି ଗ୍ରାମରେ ସମ୍ପନ୍ନ କରାଯାଇଥିଲା । ଏହି ପ୍ରକଳ୍ପ ମୁଖ୍ୟତଃ ପରିବର୍ତ୍ତିତ ଜଳବାୟୁରେ ଅନୁକୂଳ କୃଷି ଜ୍ଞାନ କୌଶଳର ଭିନ୍ନ ଭିନ୍ନ ଗବେଷଣା ଏବଂ ପ୍ରୟୋଗ ଉପରେ ଆଧାରିତ । ଏହି ପ୍ରକଳ୍ପ ଅନ୍ତର୍ଗତରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ କରାଯିବା ସହିତ ଚାଷୀମାନଙ୍କୁ କୃଷିରେ ଉନ୍ନତ ଜ୍ଞାନ କୌଶଳ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି । କ୍ଷେତ୍ର ପ୍ରଦର୍ଶନ ଯଥା ମରୁଡି ସହନଶିଳ ଧାନ କିସମ- ସ୍ୱର୍ଣ୍ଣଶ୍ରେୟା, ଜୈବ ପୋଷକ ଯୁକ୍ତ ଧାନ କିସମ ଯଥା ସି.ଆର. ଧାନ ୩୧୧ ଏବଂ ସି.ଆର. ଧାନ ୩୧୫, ମିଠା ମକା କିସମ- ମିଷ୍ଟି, କଲମୀ ବାଇଗଣ ଓ ବାଡି ଅଗଣାରେ କୁକୁଡା ପାଳନ ଇତ୍ୟାଦିର ସଫଳ କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଓଡିଆପାଲିରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ CHC (Custom Hiring Centre) ପ୍ରତିଷ୍ଠା କରାଯିବା ସହିତ ଏହି ସେଣ୍ଟରକୁ ଛଅ ଗୋଟି କୃଷି ଯନ୍ତ୍ରପାତି ଯଥା – ଶକ୍ତିଚାଳିତ ଘାସକଟା ଯନ୍ତ୍ର, ହୁଡାଟେକା ଯନ୍ତ୍ର, କ୍ଷୁଦ୍ର ଧାନ କଳ, ପାଣି ଉଠା ପମ୍ପ, ଶକ୍ତି ଚାଳିତ ସ୍ପ୍ରେୟର, ବେଟେରୀ ଚାଳିତ ସ୍ପ୍ରେୟର ଏବଂ ବର୍ଷାମାପକ ଯନ୍ତ୍ର କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଛି । ଏହି ଯନ୍ତ୍ରପାତି ଗୁଡିକୁ ଚାଷୀମାନଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟରେ ବ୍ୟବହାର କରି ଉକ୍ତ ଅର୍ଥ ରାଶିକୁ ଗ୍ରାମର VCRMC ଜମାଖାତାରେ ଗଚ୍ଛିତ ରଖା ଯିବାର ବ୍ୟବସ୍ଥା କରାଯାଇଛି, ଯାହା ଭବିଷ୍ୟତରେ ଗ୍ରାମର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବିନିଯୋଗ ହେବ ।





## ଦକ୍ଷତା ବୃଦ୍ଧି ନିମନ୍ତେ ଗୋପାଳନ ବାବଦରେ ସାରା ଜିଲ୍ଲାରେ ତାଲିମ ଶିବିର

ବଲାଙ୍ଗିର ଜିଲ୍ଲା ଉତ୍ତମ ଗୋ ସମ୍ପଦର ଅଧିକାରୀ ଅଟେ । ଦୈନିକ ଦୁଗ୍ଧ ଉତ୍ପାଦନ ହାରାହାରୀ ଏକ ଲକ୍ଷ ଲିଟର । ଦୁଧିଆଳି ଗାଈମାନଙ୍କ ସଂଖ୍ୟା ଏବଂ ଉତ୍ପାଦନ କ୍ଷମାତାକୁ ଆଖିରେ ରଖିଲେ ଦୈନିକ ଦୁଗ୍ଧ ଉତ୍ପାଦନର ପରିମାଣକୁ ବଢାଯାଇପାରିବ । ତେଣୁ, ବୈଜ୍ଞାନିକ ପଦ୍ଧତିରେ ଗୋପାଳନ ବିଷୟରେ ସମୁଦାୟ ୫ ଗୋଟି ଦକ୍ଷତା ବୃଦ୍ଧି ତାଲିମର ଆୟୋଜନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ କ୍ରମେ ବଲାଙ୍ଗିର ଜିଲ୍ଲାର ୫ଟି ବ୍ଲକରେ ତାଲିମ ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ତାଲିମ ଶିବିରରେ ୪୦ ଜଣ ଗୋପାଳକଙ୍କୁ ବୈଜ୍ଞାନିକ ପଦ୍ଧତିରେ ଗୋପାଳନ ବିଷୟରେ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଥିଲା । ବଲାଙ୍ଗିର ବ୍ଲକ, ଦେଓଗାଁ ବ୍ଲକ, ତୁରେଇକେଲା ବ୍ଲକ, ଆଗଲପୁର ବ୍ଲକ ଏବଂ ବେଲପଡା ବ୍ଲକରେ ଯଥାକ୍ରମେ ୧୬/୦୨,୦୭/୦୩, ୧୬/୦୩, ୨୨/୦୩ ଏବଂ ୨୫/୦୩ ରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ମାନଙ୍କରେ ଭାଗ ନେଇଥିବା ଗୋପାଳକ ମାନଙ୍କୁ ଗୋପାଳନରେ ଖାଦ୍ୟ ପରିଚାଳନାର ବିଭିନ୍ନ ଦିଗ ଯଥା – ଘାସ ଚାଷ, ଆଜୋଲା ଚାଷ, ନଡା ପ୍ରକ୍ରିୟାକରଣ, ସ୍ୱଳ୍ପ ଖର୍ଚ୍ଚରେ ଦାନା ପ୍ରସ୍ତୁତି, କଣ୍ଟାହୀନ ନାଗଫେଣୀ ଚାଷ ଆଦି ବିଷୟରେ ଜ୍ଞାନ ପ୍ରଦାନ କରାଯାଇଥିଲା । ଭାଗ ନେଇଥିବା ଗୋପାଳକମାନେ ଉନ୍ନତ ଗାଈ ଫାର୍ମ ବୁଲି ପ୍ରକୃତ ପକ୍ଷରେ ସମସ୍ତ କାର୍ଯ୍ୟାବଳି ଦେଖିଥିଲେ । ଗୁହାଳ ପରିଚାଳନା, ରୋଗ ପରିଚାଳନା, ଟୀକାକରଣର ଗୁରୁତ୍ୱ, ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ, ଆଦି ବିଷୟରେ ମଧ୍ୟ ଜ୍ଞାନ ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମାନଙ୍କର ସକରାତ୍ମକ ଏବଂ ତତ୍ପର ମନୋଭାଗ ଯୋଗୁଁ ସମୁଦାୟ ୨୦୦ ଜଣ ଗୋପାଳକ ସଫଳତାର ସହ ତାଲିମ ଗ୍ରହଣ କରିଥିଲେ ।







## ବୈଜ୍ଞାନିକ ପଦ୍ଧତିରେ ମିଠା ମକା ଚାଷର କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ହାରାହାରି ୫୮୫୦ ହେକ୍ଟର ଜମିରେ ମିଠା ମକା ଚାଷ କରାଯାଇଥାଏ । ଚାଷୀମାନେ କେବଳ ମକା ଚାଷରେ ସଠିକ ଲାଭ ପାଇପାରୁ ନାହାନ୍ତି କିନ୍ତୁ ମିଠା ମକା ଚାଷରେ ମକା ଅପେକ୍ଷା ଦ୍ୱିଗୁଣିତ ଲାଭ ପାଇପାରୁଛନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ ତରଫରୁ ବଲାଙ୍ଗିର ବ୍ଲକର ମାୟାବରା ଓ ଗରଜନ ଗ୍ରାମ ଏବଂ ଲୋଇସିଂହା ବ୍ଲକର ବୁରୋମୁଣ୍ଡା ଗ୍ରାମରେ ରବି ଋତୁରେ ଏକ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନ ଏସି.ସି.ଏସ୍.ପି (SCSP) କାର୍ଯ୍ୟକ୍ରମ ଅଧିନରେ ଆସୁଥିବାରୁ ୧୬ ଜଣ ହରିଜନ ଲୋକମାନଙ୍କୁ ନେଇ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଚାଷୀମାନଙ୍କୁ 'ମିଷ୍ଟି' ପ୍ରଜାତିର ମିଠା ମକା ପ୍ରଦାନ କରାଯାଇଥିଲା ଏବଂ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯାଇଥିବାରୁ କୀଟନାଶକ ଇମାମେକ୍ଟିନ ବେନ୍‌ଜୋଏଟ୍ ମଧ୍ୟ ପ୍ରଦାନ କରାଯାଇଥିଲା । ଯାହା ଦ୍ୱାରା ହେକ୍ଟର ପ୍ରତି ୧୨୧ କ୍ୱିଣ୍ଟାଲ ମିଠା ମକା ଅମଳ ଆସିବା ସହିତ ହାରାହାରି ଆୟ ଟ. ୧୬୯୧୦୦ ଆସିଥିଲା ।



## ପିଆଜ ଫସଲରେ ସଲଫର ସାର ପ୍ରୟୋଗର କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ହାରାହାରି ୧୯୦୦ ହେକ୍ଟର ଜମିରେ ପିଆଜ ଚାଷ କରାଯାଇଛି । ଚାଷିମାନେ ପିଆଜ ଫସଲରେ ସଲଫର ସାରର ପ୍ରୟୋଗ କରୁ ନଥିବାରୁ ପିଅଜର ଆକାର ଛୋଟ ଆସିବା ସହିତ ଅମଳ ମଧ୍ୟ କମ୍ ଆସୁଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବଲାଙ୍ଗିର ବ୍ଲକର ବରଗାଁ ଗ୍ରାମ ଓ ଲୋଇସିଂହା ବ୍ଲକର ବୁରୋମୁଣ୍ଡା ଗ୍ରାମରେ ୧୫ ଜଣ ଅନୁସୂଚିତ ବର୍ଗ ହିତାଧିକାରୀଙ୍କୁ ନେଇ କ୍ଷେତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ସଲଫର ସାର ପ୍ରଦାନ କରାଯାଇଥିଲା ଏବଂ ଚାଷୀମାନେ ଏହି ସାରକୁ ପ୍ରଥମ ପିଲ ସାର ହିସାବରେ ପ୍ରୟୋଗ କରିଥିଲେ । ଯାହା ଦ୍ୱାରା ହେକ୍ଟର ପ୍ରତି ୨୧୬ କ୍ୱିଣ୍ଟାଲ ଅମଳ ଆସିବା ସହିତ ହାରାହାରି ଆୟ ଟ. ୨୧୪୫୪୦.୦୦ ଆସିଥିଲା ।



## ଦିବ୍ୟାଙ୍ଗ ଅନୁସୂଚିତ ଜାତି ଚାଷୀମାନଙ୍କର ଜୀବିକା ଉପାର୍ଜନ ନିମନ୍ତେ ବାଡି ଅଗଣାରେ କୁକୁଡା ପାଳନର କ୍ଷେତ୍ର ପ୍ରଦର୍ଶନ

ଗରୀବ, ଭୂମିହୀନ ବା ନାମମାତ୍ର ଚାଷୀମାନଙ୍କ ପାଇଁ ବାଡି ଅଗଣାରେ କୁକୁଡା ପାଳନ ଏକ ଉତ୍ତମ ସୁଯୋଗ ଯାହାଦ୍ୱାରା ସେମାନେ କିଛି ଅର୍ଥ ଉପାର୍ଜନ କରିପାରିବେ । ଏହାକୁ ଲକ୍ଷ୍ୟରେ ରଖି ବାଡି ଅଗଣାରେ କୁକୁଡା ପାଳନର ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଏହି କ୍ଷେତ୍ର ପ୍ରଦର୍ଶନ ସରକାରଙ୍କର ଅନୁସୂଚୀତ ଜାତି ଖସଡା ଅନ୍ତର୍ଗତ ହୋଇଥିବାରୁ ଅନୁସୁଚୀତ ହିତାଧିକାରି ଚୟନ କରିବାର ଥିଲା । ଏହି କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ପାଇଁ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହ ମିଳିତ ଉଦ୍ୟମରେ ସମ୍ପନ୍ନ କରାଯାଇଛି । ପରବର୍ତ୍ତୀ ସମୟରେ ଦିବ୍ୟାଙ୍ଗ ଅନୁସୂଚୀତ ବର୍ଗର ହିତାଧିକାରୀ ଚୟନ ନିମନ୍ତେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସହଯୋଗ କରିଥିଲେ । ଏହି କ୍ଷେତ୍ର ପ୍ରଦର୍ଶନରେ ପୁଇଁନ୍ତଳା ଏବଂ ଲୋଇସିଂହା ବ୍ଲକର ସମୁଦାୟ ୨୪ ଜଣ ଦିବ୍ୟାଙ୍ଗ ହିତାଧିକାରୀ ଚୟନ ହୋଇଥିଲେ । ବଲାଙ୍ଗିର ସ୍ଥିତ ଜିଲ୍ଲା ହାଚେରୀରୁ ଦିନିକିଆ କଳିଙ୍ଗ ବ୍ରାଉନ୍ କୁକୁଡା ଚିଆଁ କିଣାଯାଇ କୃଷି ବିଜ୍ଞାନ କେନ୍ଦ୍ରରେ ବ୍ରୁଡିଙ୍ଗ ଘରେ ୨୧ ଦିନ ପର୍ଯ୍ୟନ୍ତ ସଠିକ ଖାଦ୍ୟ ଓ ଟୀକାକରଣ କରି ବଢାଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରତ୍ୟେକ ହିତାଧିକାରୀକୁ ୨୫ ଗୋଟି ୨୧ ଦିନିଆ କୁକୁଡା ଚିଆଁ ୨୮.୦୧.୨୦୨୨ରେ ପ୍ରଦାନ କରାଯାଇଥିଲା । ବାଡି ଅଗଣାରେ କିପରି କୁକୁଡା ପାଳନ କରିବେ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ହିତାଧିକାରୀ ମାନେ ରାତ୍ରୀ ସମୟରେ ଘରୋଇ ବଳକା ଖାଦ୍ୟ, ପରିବା ଚୋପା ଆଦି ଦେଇ କୁକୁଡା ପାଳନ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ କୃଷିବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଏହି କ୍ଷେତ୍ର ପ୍ରଦର୍ଶନକୁ ପରିଚାଳନା କରିଥିଲେ । କୁକୁଡା ଚିଆଁ ମାନେ ହାରାହାରି ୩ ମାସରେ ୧ କି.ଗ୍ରା. ଶରୀର ଓଜନ ଲାଭ କରିଥିଲେ । ଦିଆଯାଇଥିବା ପରାମର୍ଶ ଅନୁଯାୟୀ ହିତାଧିକାରୀମାନେ କୁକୁଡା ଓଜନ ୧ କି.ଗ୍ରା. ପାଖାପାଖି ହେବା ସମୟରେ ଅଣ୍ଡିରା କୁକୁଡା ମାନଙ୍କୁ ବିକ୍ରି କରିଥିଲେ । ମାଈଁ କୁକୁଡା ମାନେ ୫-୬ ମାସ ବୟସରେ ଅଣ୍ଡା ଦେବା ଆରମ୍ଭ କରିଥିଲେ । ହିତାଧିକାରୀ ମାନଙ୍କ ପାଖରେ ୧୦-୧୫ଟି ମାଈଁ କୁକୁଡା ଥିବା ଯୋଗୁଁ ଦୈନିକ ୫-୬ଟି ଅଣ୍ଡା ପାଉଛନ୍ତି । ମାଈ କୁକୁଡାମାନଙ୍କୁ ରାଣୀକ୍ଷେତ ରୋଗ ଟୀକା କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଚାଷୀମାନେ ନିଜେ ପ୍ରଦାନ କରିଥିଲେ ।



ଏହି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ହିତାଧିକାରୀମାନେ ଆଗାମୀ ଦିନରେ କୁକୁଡା ପାଳନକୁ କ୍ଷୁଦ୍ର ବ୍ୟବସାୟୀକ ଭିତ୍ତିରେ ଗ୍ରହଣ କରିବେ ଏବଂ ଅନ୍ୟ ଇଚ୍ଛୁକ ଯୁବକ ମାନେ ଅନୁପ୍ରାଣୀତ ହେବେ ବୋଲି ଆଶା କରାଯାଉଛି ।

